# Akashvani, Sambalpur

## SAMBALPURI NEWS EVENING BULLETIN

## 25 March 2024- 7.02 pm- 7.12 pm.

*********************************************

୧- ଆଏବା ନିର୍ବାଚନ୍‌କେ ପରିବେଶ୍ ଅନୁକୂଲ୍ ଭାବେ ପରିଚାଳନା ଉପ୍‌ରେ ଜୋର୍ ଦେଇଛନ୍ ନିର୍ବାଚନ୍ ଆୟୋଗ୍ ।

- କମ୍‌ସେ କମ୍ କାଗଜ୍ ବେଭାର୍ କର୍‌ବାର୍‌କେ ଦେଇଛନ୍ ନିର୍ଦ୍ଦେଶ୍ ।

୨- ଆଏଜ୍ ପବିତ୍ର ଫଗୁନ୍ ପୁନି- ପୁରୀ ଶ୍ରୀମନ୍ଦିର୍ ନ ହେଲା ମାହାପୁରୁମାନ୍‌କର୍ ସୁନାବେଶ ।

- ପଶ୍ଚିମ ଓଡ଼ିଶା ନ ମନାଗଲା ଗୁଁଡ଼ିଖାଇ ।

୩- ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ହୀରାକୁଦ୍ ସହର୍ ଇଲାକା ନ ସୁଧ୍‌ରୁଛେ ଝାଡ଼ାବାନ୍ତି ସଂକ୍ରମଣ୍‌ର ଥିତି ।

ଆଉର୍

୪- ରାଏଜେ ବଢୁଛେ ତାତି - ଆଏବା କାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ କେତେ ଜାଗା ନ ଘଡ୍‌ଘଡ଼ି ସାଙ୍ଗେ ହେଇପାରେ ହଲ୍‌କା ବର୍ଷା ।

ଲୋକ୍‌ସଭା, ବିଧାନ୍‌ସଭା ନିର୍ବାଚନ୍     ଏନ୍‌ଏସ୍‌ଡି

ଆଏବା ଲୋକ୍‌ସଭା ଆର୍ ବିଧାନ୍‌ସଭା ନିର୍ବାଚନ୍‌କେ ପରିବେଶ୍ ଦୃଷ୍ଟିନୁ ଅନୁକୂଲ ଭାବେ ପରିଚାଲନା ଲାଗି ନିର୍ବାଚନ୍ ଆୟୋଗ୍ ଜୋର୍ ଦେଇଛନ୍ । ହେଥିର୍‌ଲାଗି ନିର୍ବାଚନ୍ ଆୟୋଗ୍ ରାଜନୈତିକ୍ ଦଲ୍ ଆଉ ନିର୍ବାଚନ୍ ପ୍ରକ୍ରିୟା ପରିଚାଲନା କରୁଥିବା ପ୍ରଶାସନିକ କଲ୍‌କେ ମତଦାତା ତାଲିକା ଆର୍ ନିର୍ବାଚନ୍ ସାମାନ୍‌ଥି କମ୍‌ସେକମ୍ କାଗଜ୍ ବେଭାର୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇ-ବୁକ୍ସ ଆଉ ଇ-ଡକ୍ୟୁମେଂଟ୍‌ସ୍ ଉପ୍‌ରେ ନିର୍ବାଚନ୍ ଆୟୋଗ ଗୁରୁତ୍ୱ ଦେବାର୍ ସଙ୍ଗେ ଛୋଟ୍ ଅକ୍ଷର୍‌ଥି କାଗଜର୍ ଦୁହିଫାଲେ ଛାପା କର୍‌ବାର୍‌କେ କହିଛନ୍ । ହେତାର୍‌ସଙ୍ଗେ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବେଭାର୍‌ନୁ ଦୂରେ ରହେବାର୍‌କେ ଭିଲ୍ ନିର୍ବାଚନ୍ ଆୟୋଗ୍ କହିଛନ୍ । ନିର୍ବାଚନ୍ କାମ୍‌ଥି ପରିବେଶ୍ ଅନୁକୂଲ୍ ଗାଡ଼ି ମଟର୍ ବେଭାର୍‌କେ ତହଁକାବାର୍ ସଙ୍ଗେ ଅଏତ୍‌କାନୁ ଅଏତ୍‌କା ସାର୍ବଜନୀନ ପରିବହନ୍ ବ୍ୟବସ୍ଥା ଆର୍ କାର୍ ପୁଲିଂ ଉପ୍‌ରେ ନିର୍ବାଚନ୍ ଆୟୋଗ୍ ଜୋର୍ ଦେଇଛନ୍ । ପ୍ରଚାର୍ କାମ୍‌ଥି ଅକ୍ଷୟଶକ୍ତି ବେଭାର୍‌କେ ଉତ୍ସାହିତ୍ କର୍‌ବାର୍ ଲାଗି ରାଜନୈତିକ୍ ଦଲ୍‌ମାନ୍‌କୁ ନିର୍ବାଚନ୍ ଆୟୋଗ୍ କହେବାର୍ ସଙ୍ଗେ ମତଦାତାମାନ୍‌କର୍ ଲାଗି ଦୂରତା କମାବାର୍‌କେ ମତଦାନ୍ କେନ୍ଦ୍ରମାନ୍‌କୁ ଏକଠନିଆ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ଦୋଲପୂର୍ଣ୍ଣିମା         ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପବିତ୍ର ଫଗୁନ୍ ପୁନି ଆର୍ ଆଏବା କାଏଲ୍ ରଙ୍ଗ୍‌ର ପରବ୍ ହୋଲି । ଫଗୁନ୍ ପୁନିଥି ରାଏଜର୍ ଗାଁ ସହର୍ ସବୁଆଡ଼େ ମାହାପୁରୁମାନ୍‌କର୍ ମେଲଣ୍ କରାଯାଇଥିବାର୍ ବେଲେ ପଶ୍ଚିମ ଓଡ଼ିଶା ନ ଖାସ୍ ତିହାର୍ ଗୁଁଡ଼ିଖିଆ ମନାଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫଗୁନ୍ ପୁନି ଆର୍ ହୋଲି ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ହୋଲି ଲୋକ୍‌ମାନ୍‌କର୍ ଭିତ୍‌ରେ ସଦ୍‌ଭାବ ଆନ୍‌ସି ବଲି ରାଷ୍ଟ୍ରପତି ତାଁକର୍ ଶୁଭେଚ୍ଛା ବାର୍ତାଥି କହିଛନ୍ । ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ଼୍ ଭିଲ୍ ତାଁକର୍ ବାର୍ତାଥି ହୋଲି ପରବ୍ ଲୁକ୍‌କର୍ ଜୀବନ୍‌ଥି ସୁଖ ଆର୍ ସମୃଦ୍ଧି ଆନିଦେବା ବଲି କାମନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ହୋଲି ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭ ମନାସିବାର୍ ସଙ୍ଗେ ସମ୍‌କିରିର୍ ଜୀବନ୍‌ଥି ନୂଆଁ ତହଁକ୍ ଆସୁ ବଲି ତାକର୍ ବାର୍ତାଥି କହିଛନ୍ । ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟ ଆର୍ ରାଜ୍ୟ ବାହାରେ ଥିବା ସବୁ ଓଡ଼ିଆଙ୍କର୍ ସୁଖ ଶାନ୍ତି ଆଉ ଆନନ୍ଦ କାମନା କରିଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଫଗୁନ୍ ପୁନି ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଫଗୁନ୍‌ପୁନି ଆର୍

ହୋଲି ସମ୍‌କିରିର୍ ଜୀବନ୍‌ଥି ଖୁସିର୍ ରଙ୍ଗ୍ ଭରି ଦଉ ବଲି ତାକର୍ ଶୁଭେଚ୍ଛା ବାର୍ତାଥି କହିଛନ୍ ।

ପୁରୀ ଶ୍ରୀମନ୍ଦିର୍ ନ ଫଗୁନ୍ ପୁନି ଅବ୍‌ସରେ ଆଏଜ୍ ମାହାପୁରୁ ସୁନାବେଶଥି ସଜାଯାଇଛେ । ସେଆଡ଼େ ସେବାୟତମାନେ ଶ୍ରୀଜଗନ୍ନାଥଙ୍କର୍ ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଆର୍ ଶ୍ରୀଦେବୀଙ୍କୁ ବିମାନ୍‌ଥି ନେଇକରି ଦୋଳବେଦୀ ନ ବିଜେ କର୍‌ଲା ଉତ୍‌ରୁ ସେନ ଫଗୁ ଖେଲା ହେଇଛେ । ଫଗୁନ୍ ପୁନି ଅବ୍‌ସରେ ପାରମ୍ପରିକ୍ ରୀତି ଅନ୍‌ସାରେ ଦୋଳବେଦୀ ନ ଶ୍ରୀଜୀଉମାନ୍‌କର୍ ଆଗାଡ଼େ ନୂଆଁ ପାଞ୍ଜି ପଢ଼ାଯିବା ।

ସେନ୍ତା ରାଜ୍ୟର୍ ବାକିଆଡ଼େ ଫଗୁନ୍ ପୁନିଥି ମାହାପୁରୁମାନ୍‌କୁ ସଜେଇକରି ଦୋଳ ବିମାନ୍‌ଥି ଗାଁ ବୁଲାଯାଇଛେ । ଗାଁ ନ ଲୋକ୍‌ମାନେ ମେଳଣଥି ମେଲ୍ ହେଇକରି ମେଳଣ ପଡ଼ିଆନ ପୁହୁଁଚିବାର୍ ଉତ୍‌ରୁ ଫଗୁ ଖେଲିଛନ୍ ।

ଗୁଁଡ଼ିଖାଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ପଶ୍ଚିମ ଓଡ଼ିଶା ବାସୀ ଗୁଁଡ଼ି ଖାଇଛନ୍ । ରତୁର୍ ନୂଆଁ ଫଲ୍‌ଫୁଲ୍- ଆମ୍, ପଲ୍‌ସାଫୁଲ୍, ସର୍ଗିଫୁଲ୍, ମହୁଲ୍, ଚାର୍, ଚନା ଆର୍ ସାକର୍‌ପଟି ମାହାପୁରୁଙ୍କର୍ ନ ଭୋଗ୍ ଲଗେଇକରି ପରିବାର୍‌ର ସଭେ ଗୁଁଡ଼ି ଖାଇଛନ୍ । ପଶ୍ଚିମ ଓଡ଼ିଶା ସାରା ଗାଁ ଆର୍ ପଡ଼ା ମାନ୍‌କୁ ନାମ୍‌ଯଜ୍ଞ ସଙ୍ଗେ

କେତେ ଜାଗା ନ ହରିହର ଭେଟ୍ ଆୟୋଜନ୍ ହେଇଛେ । ପାତାଳି ଶ୍ରୀକ୍ଷେତ୍ର ସହେତେ ସୁବର୍ଣ୍ଣପୁର୍ ଜିଲ୍ଲା ନ ଫଗୁନ୍‌ପୁନି ମନାଯାଇଥିବାର୍ ବେଲେ ଆଏବା କାଏଲ୍ ବୀର୍‌ମହାରାଜ୍‌ପୁର୍ ନ ପ୍ରସିଦ୍ଧ ହରିହର ଭେଟ୍ ହେବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଇପିଏଫ୍‌ଓ-ଉପଭୋକ୍ତା ଏନ୍‌ଏସ୍‌ଡି

କର୍ମଚାରୀ ଭବିଷ୍ୟନିଧି ସଂଗଠନ୍ - ଇପିଏଫ୍‌ଓ ଇ ବଛ୍‌ରର ଜାନୁଆରୀ ମାସେ ମୋଟ୍ ୧୬ ଲାଖ୍ ୨ ହଜାର୍ ଉପଭୋକ୍ତାଙ୍କୁ ଜୁଡ଼ିଛେ । ଇପିଏଫ୍‌ଓ ତର୍‌ଫୁ ଗଲାକାଏଲ୍ ଜାରି କରାଯାଇଥିବା ପ୍ରଭିଜନାଲ୍ ପେ ରୋଲ୍ ଡେଟା ଅନ୍‌ସାରେ ୨୦୨୪ ମସିହା ଜାନୁଆରୀ ମାସେ ପାଖାପାଖି ୮ ଲାଖ୍ ୮ ହଜାର୍ ନୂଆଁ ସଭ୍ୟ ପଞ୍ଜିକୃତ ହେଇଛନ୍ । କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ତର୍‌ଫୁ ଗୁଟେ ବିବୃତିଥି କୁହାଯାଇଛେ ଯେ, ନୂଆଁ ସଭ୍ୟମାନ୍‌କର୍ ଭିତ୍‌ରେ ୧୮ ନୁ ୨୫ ବଛର୍ ବୟସର୍ ପ୍ରାଧାନ୍ୟ ଅଛେ, ଯେନ୍‌ଟାକି ସେ ସମିଆର୍ ମୋଟ୍ ସଭ୍ୟଙ୍କର୍ ୫୬ ପ୍ରତିଶତ୍‌ନୁ ଅଏତ୍‌କା ଆଏ । ଇଥୁ ସଂଗଠିତ୍ କର୍ମକ୍ଷେତ୍ରକେ ୟୁଆନ୍ ଖାସ୍ କରି ପହେଲାଥର୍ ଲାଗି କାମ୍ ଖୁଜୁଥିବାର୍ ଲୁକେ ଆସିଛନ୍ । ଲିଙ୍ଗ ଓ୍ୱାରି କରାଯାଇଥିବା ବିଶ୍ଳେଷଣ୍‌ଥୁ ନୂଆଁ ୮ ଲାଖ୍ ୮ ହଜାର୍

ସଭ୍ୟଙ୍କର୍ ଭିତ୍ରୁ ପାଖାପାଖି ୨ ଲାଖ୍ ୫ ହଜାର୍ ସଭ୍ୟ ମହିଳା ହେଇଥିବାର୍ ଜନାପଡ଼ିଛେ ।

ହୀରାକୁଦ୍- ଝାଡ଼ାବାନ୍ତି ଆର୍ଏନ୍ୟୁ/ସମ୍ବଲ୍ପୁର୍

ସମ୍ବଲପୁର ମହାନଗର୍ ନିଗମ୍ର ହୀରାକୁଦ୍ ସହର୍ ଇଲାକା ନ ଝାଡ଼ାବାନ୍ତି ସଂକ୍ରମଣ୍ ଥିତିର୍ ସୁଧାର୍ ହେବାର୍କେ ଲାଗିଛେ । ଆଘର୍ନୁ ଥିତି ସୁଧ୍ରୁଥିବାର୍ ବେଲେ ଆକ୍ରାନ୍ତଙ୍କର୍ ସଂଖ୍ୟା ଭିଲ୍ କମ୍ବାର୍କେ ଲାଗିଛେ ।

ସର୍କାରୀ ସୂତ୍ରନୁ ମିଲିଥିବା ସୂଚ୍ନା ଅନ୍ସାରେ ଆଏଜ୍ ମାତରକ ଝନେ ନୂଆଁ ଆକ୍ରାନ୍ତ ଚିହ୍ନଟ୍ ହେଇଥିବାର୍ ବେଲେ ହୀରାକୁଦ୍ ଡାକ୍ତର୍ଖାନା ନ ମାତର୍କ ୩ ଝନ୍ ଭର୍ତି ହେଇକରି ଚିକିତ୍ସିତ୍ ହେଉଛନ୍ । ସେନ୍ତା ବୁର୍ଲା ଡାକ୍ତର୍ଖାନା ନ ୧୧ ଝନ୍ ଆକ୍ରାନ୍ତ ଚିକିତ୍ସିତ୍ ହେଉଥିବାର୍ ମେଡ଼ିକାଲ୍ ଅଫିସର୍ ଡାକ୍ତର୍ ଅନ୍ମୋଲ୍ ମିଞ୍ଜ୍ କହିଛନ୍ । ଆଝିର୍ ଝନ୍କୁ ମିଶେଇକରି ଏବ୍ତକ୍ ଶହେ ୭୨ ଆକ୍ରାନ୍ତ ଚିହ୍ନଟ୍ ହେଇଥିବାର୍ ସେ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ର ୨ ଝନିଆ ବିଶେଷଜ୍ଞ ଦଲ୍ ହୀରାକୁଦ୍ ପୁହୁଁଚିକରି ଥିତିର୍ ସମୀକ୍ଷା କରିଥିଲେ । ବିଶେଷଜ୍ଞ ଦଲ୍ ହୀରାକୁଦ୍ ଡାକ୍ତରଖାନା ନ ଭର୍ତିଥିବା ଆକ୍ରାନ୍ତମାନ୍କୁ ଭେଟ୍ବାର୍ ସଙ୍ଗେ ଡାକ୍ତର୍ମାନ୍କର୍ ସାଙ୍ଗେ ଆଲୋଚନା କରିଥିଲେ ।

ସେଆଡ଼େ ହୀରାକୁଦ୍ ସହର୍‌ର ୪ ଟା ଜାଗା ନ ପାଏନ୍‌ର ନମୁନା ସଂଗ୍ରହ କରାଯାଇକରି ପରୀକ୍ଷାର୍ ଲାଗି ପଠାଯାଇଛେ ।

ସମ୍ବଲପୁର ନିର୍ବାଚନ ମଣ୍ଡଳୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଲୋକ୍‌ସଭା ଆସନ୍ ସହେତେ ସମ୍ବଲ୍‌ପୁର୍ ଜିଲ୍ଲାର କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର ଆର୍ ରେଢ଼ାଖୋଲ ବିଧାନସଭା ଆସନର ଭୋଟ୍ ଆଏବା ମେ ମାସ ୨୫ ତାରିଖ୍ ଦିନ ହେବା । ଜିଲ୍ଲାର୍ ଇ ଚାର୍‌ହି ବିଧାନ୍‌ସଭା କ୍ଷେତ୍ର ନ ବିଧାନ୍‌ସଭା ଆର୍ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ଅବାଧ ନିରପେକ୍ଷ ଆର୍ ଶାନ୍ତିପୂର୍ଣ୍ଣ ଭାବେ କର୍‌ବାର୍‌କେ ପ୍ରଶାସନ୍ ତର୍‌ଫୁ ପଦକ୍ଷେପ୍ ନିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଅନୁସୂଚିତ ଜନଜାତି ବର୍ଗ ଲାଗି ସଂରକ୍ଷିତ କୁଚିଣ୍ଡା ବିଧାନ୍‌ସଭା ଆସନ୍ ନ ମୋଟ୍ ୨ ଲାଖ୍ ୨୦ ହଜାର୍ ୫ ଶହ ୧୬ ଝନ୍ ପଞ୍ଜିକୃତ ମତଦାତା ଅଛନ୍ । ସେମାନ୍‌କର୍ ଭିତ୍‌ରୁ ଲାଖେ ୧୨ ହଜାର୍ ୫ ଶହ ୨୭ ଝନ୍ ମହିଳା, ଲାଖେ ୭ ହଜାର୍ ୯ ଶହ ୮୭ ଝନ୍ ପୁରୁଷ ଆର୍ ୨ ଝନ୍ ତୃତୀୟ ଲିଙ୍ଗ ମତଦାତା ଆନ୍ । କୁଚିଣ୍ଡା ବିଧାନ୍‌ସଭା କ୍ଷେତ୍ର ନ ୨ ଶହ ୭୨ ଟା ମତଦାନ୍ କେନ୍ଦ୍ର - ପୁଲିଂ ବୁଥ୍ କରାଯିବା । ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ

ରେଙ୍ଗାଲି ବିଧାନ୍ସଭା ଆସନ୍ ନ ମୋଟ୍ ଲାଖେ ୯୩ ହଜାର୍ ୨୭ ଝନ୍ ପଞ୍ଜିକୃତ ମତଦାତା ସେମାନ୍କର୍ ମତଦାନ୍ ଅଧିକାର୍ ସାବ୍ୟସ୍ତ୍ କରିପାର୍ବେ । ଇ ମତଦାତାଙ୍କର୍ ଭିତ୍ରେ ୯୭ ହଜାର୍ ୭ ଶହ ୩୩ ଝନ୍ ମହିଲା, ୨୪ ଝନ୍ ତୃତୀୟ ଲିଙ୍ଗ ଆର୍ ୯୫ ହଜାର୍ ୨ ଶହ ୭୦ ଝନ୍ ପୁରୁଷ ମତଦାତା ଅଛନ୍ ।

ରେଙ୍ଗାଲି ବିଧାନ୍ସଭା କ୍ଷେତ୍ର ନ ୨ ଶହ ୩୫ ଟା ପୁଲିଂ ବୁଥ୍ କରାଯିବା । ସମ୍ବଲ୍ପୁର୍ ବିଧାନ୍ସଭା ଆସନ୍ ନ ମୋଟ୍ ଲାଖେ ୯୯ ହଜାର୍ ୪ ଶହ ୫୯ ଝନ୍ ପଞ୍ଜିକୃତ ମତଦାତା ଅଛନ୍ । ସେମାନ୍କର୍ ଭିତ୍ରେ ୯୯ ହଜାର୍ ୨ ଶହ ୬୫ ଝନ୍ ମହିଲା, ୩୮ ଝନ୍ ତୃତୀୟ ଲିଙ୍ଗ ଆର୍ ଲାଖେ ଶହେ ୫୬ ଝନ୍ ପୁରୁଷ ମତଦାତା ରହିଛନ୍ । ଇ ବିଧାନ୍ସଭା କ୍ଷେତ୍ର ନ ଶହେ ୮୯ ଟା ପୁଲିଂ ବୁଥ୍ କରାଯିବା । ରେଢ଼ାଖୋଲ୍ ବିଧାନ୍ସଭା କ୍ଷେତ୍ର ନ ୨ ଲାଖ୍ ୪ ଶହ ୧୮ ଝନ୍ ପଞ୍ଜିକୃତ ମତଦାତା ରହିଛନ୍ । ସେମାନ୍କର୍ ଭିତ୍ରେ ୯୯ ହଜାର୍ ୯ ଶହ ୩୩ ଝନ୍ ମହିଲା, ୧୫ ଝନ୍ ତୃତୀୟ ଲିଙ୍ଗ ଆର୍ ଲାଖେ୍ ୪ ଶହ ୭୦ ଝନ୍ ପୁରୁଷ ମତଦାତା ରହିଛନ୍ ।

ସୁନାବେଢ଼ା ଅଭୟାରଣ୍ୟ-ସଡ଼କ୍    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ କୋମ୍ନା ବ୍ଲକ୍ର ସୁନାବେଡ଼ା ଅଭୟାରଣ୍ୟକେ ଚଲାଚଲ୍ ଲାଗି ସଡ଼କ୍ ତିଆର୍ ହେଉଛେ ।  କଂକ୍ରିଟ୍ ସଡ଼କ୍ ତିଆର୍ କରାଯିବାର୍ ସଙ୍ଗେ ଠାନ୍ ଠାନ୍ ପାହାଡ଼୍ କାଟିକରି ଘାଟି ରାସ୍ତାର୍ ଉଚା କମ୍ କରାଯିବା । ଇ ସଡ଼କ୍ କାମ୍ ପୁରା ହେଲେ ସୁନାବେଡ଼ା ଅଭୟାରଣ୍ୟ ନ ଥିବା ସୁନାବେଡ଼ା ଆର୍ ସୋସେନ୍ ପଂଚାୟତ୍ର ଲୁକେ ଲାଭ୍ ପାଇପାର୍ବେ ।

୩ ସିଂହ ଛୁଆ- ନନ୍ଦନ କାନନ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ନନ୍ଦନକାନନ ପ୍ରାଣୀ ଉଦ୍ୟାନ୍ ନ ୩ ଟା ଅଣ୍ଡିରା ସିଂହ ଛୁଆ ଜନମ୍ ସାଙ୍ଗେ ସିଂହ ସଂଖ୍ୟା ୨୪ କେ ବଢ଼ିଛେ । ଗଲାକାଏଲ୍ ରେଓ୍ୱା ନାର୍ ସିଂହି ୩ ଟା ଅଣ୍ଡ୍ରା ଛୁଆକେ ଜନମ୍ ଦେଇଛେ । ଛୁଆମାନ୍କୁ ବେବି ରିଅରିଂ ସେଂଟର୍ଥି ରଖାଯାଇଛେ ବଲି ନନ୍ଦନକାନନର ଉପ ନିର୍ଦ୍ଦେଶକ୍ ସୂଚ୍ନା ଦେଇଛନ୍ ।

ନିଟ୍- ୟୁଜି- ମାର୍ଗଦର୍ଶିକା             ଆର୍‌ଏନ୍‌ୟୁ /  ସମ୍ବଲପୁର

ଏମ୍‌ବିବିଏସ୍ ଆର୍ ବିଡ଼ିଏସ୍ ବାଗିର୍ ଡାକ୍ତରୀ ପାଠ୍ୟକ୍ରମ୍ଥି ନାଁ ଲେଖାବାର୍କେ ନିଟ୍- ୟୁଜି ପରୀକ୍ଷା ଆଏବା ମେ ମାସର୍ ୫ ତାରିଖ୍ ଦିନ ହେବାର୍କେ ଯାଉଥିବାର୍ ବେଲେ

ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଲାବେଲେ କାଣା ପିନ୍ଧିକରି ଆଏବେ ସେ ବାବ୍‌ଦେ ଗୁଟେ ନିର୍ଦ୍ଦେଶାବଲୀ ଜାରି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ପୁରା ହାତର୍ ଡ୍ରେସ୍ ଆଉ ଜୁତା ପିନ୍ଧିକରି ଆଏବାର୍‌କେ ପରୀକ୍ଷାର୍ଥୀମାନ୍‌କୁ ମନା କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ତାତି ବଢୁଥିବାର୍ ବେଲେ ଆଏଜ୍ ଭିଲ୍ ଦେବ୍‌ଗଡ୍‌କେ ଛାଡ଼ିକରି ପଶ୍ଚିମ ଓଡ଼ିଶାର୍ ବାକି ଜାଗା ନ ପାରା ୩୫ ଡିଗ୍ରୀ ଉପ୍‌ରେ ରହିଥିଲା । ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏଜ୍ ଦିନର୍ ତାତି ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା ୩୮, ଭବାନୀପାଟ୍‌ନା ଆର୍ ଟିଟିଲାଗଡ୍ ନ ୩୭ ଦଶ୍‌ମିକ୍ ୫, ବୌଦ୍ଧ ନ ୩୬ ଦଶ୍‌ମିକ୍ ୫, ସୁନ୍ଦର୍‌ଗଡ୍ ଆର୍ ସୋନ୍‌ପୁର୍ ନ ୩୬ ଦଶ୍‌ମିକ୍ ୪, ସମ୍ବଲ୍‌ପୁର୍ ୩୬ ଦଶ୍‌ମିକ୍ ୩, ନୂଆପଡ଼ା ନ ୩୬, ବର୍‌ଗଡ୍ ନ ୩୫ ଦଶ୍‌ମିକ୍ ୮ ଆର୍ ଦେବ୍‌ଗଡ୍ ନ ୩୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା ୪ ଦିନ୍ ଭିତ୍‌ରେ ଦିନ୍‌ବେଲାର୍ ତାତି ତାପମାତ୍ରା ୩ ନୁ ୫ ଡିଗ୍ରୀ ଆର୍ ରାଏତ୍‌ବେଲାର୍ ତାତି ୨ / ୩

ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ ବିଞ୍ଜାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ଆଏଜ୍ଠାନୁ ଆଏବା କାଏଲ୍ ସଖାଲ୍ତକ୍ ପଶ୍ଚିମ ଓଡ଼ିଶାର୍ ଜାଗା ନ ଘଡ଼୍ଘଡ଼ି ସାଙ୍ଗେ ହଲ୍କା ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ପାଣିପାଗ୍ ବିଞ୍ଜାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।